# ତହସିଲ କାର୍ଯ୍ୟାଳୟ,ପାଟଣାଗଡ

ବିଜ୍ଞପ୍ତି ସଂଖ୍ୟା ୧୬୬୪ / ତାରିଖ ୨୧/୦୬/୨୦୧୮

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ, ଓଡିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ପାଟଣାଗଡ ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁଖଣିଜ ଉତ୍ସଗୁଡିକ ଆସନ୍ତା୫(ପାଞ୍ଚ ) ବର୍ଷ ନିମନ୍ତେ ୨୦୧୮-୧୯ ଆର୍ଥିକ ବର୍ଷ ଠାରୁ ୨୦୨୨-୨୩ ଲିଜ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର ପାଟଣାଗଡ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rule- ୧୬ ର Form- M ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି (sealed cover) ରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା. ୧୬.୦୭.୨୦୧୮ ଠାରୁ ୧୮.୦୭.୨୦୧୮ ରିଖ ପୂର୍ବାହ୍ନ ୧୨.୦୦ ଟା ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା Drop Box ରେ ପକାଯିବ ଏବଂ ତା ୧୮.୦୭.୨୦୧୮ ରିଖ ଅପରାହ୍ନ ୧୨.୩୦ ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ । ଯେଉଁ ସୈରାତ ଉତ୍ସଗୁଡିକ ତା. ୧୮.୦୭.୨୦୧୮ ଦିନ ଚୁଡାନ୍ତ ହୋଇ ନ ପାରିବ ସେହି ଉତ୍ସ ଗୁଡିକ ନିମନ୍ତେ ଦ୍ୱିତୀୟ ଥର ପାଇଁ ୨୧.୦୭.୨୦୧୮ ରୁ୨୪.୦୭.୨୦୧୮ ରିଖ ଦିନ ୧୨.୦୦ ଘ. ସୁଦ୍ଧା ଦରଖାସ୍ତ ଗ୍ରହଣ କରାଯିବ ଓ ତା ୨୪.୦୭.୨୦୧୮ ଘ.୧୨.୩୦ ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ ଏବଂ ତୃତୀୟ ଥର ପାଇଁ୨୬.୦୭.୨୦୧୮ ରୁ ୩୦.୦୭.୨୦୧୮ ରିଖ ଦିନ ୧୨.୦୦ ଘ ।ସୁଦ୍ଧା ଦରଖାସ୍ତ ଗ୍ରହଣ କରାଯିବ ଓ ୩୦.୦୭.୨୦୧୮ ଘ.୧୨.୩୦ ସମୟରେ ଲିଁଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ । ତା ୧୮.୦୭.୨୦୧୮ ଓ ୨୪.୦୭.୨୦୧୮ ରେ ଚୁଡାନ୍ତ ହୋଇପାରିନଥିବା ଲଘୁ ଖଣିଜ ଦ୍ରବ୍ୟ ଉତ୍ସଗୁଡିକର ବିବରଣୀ ଆସନ୍ତା ତା. ୧୯.୦୭.୨୦୧୮ ଓ ୨୫.୦୭.୨୦୧୮ ରିଖ ରୁ ବଲାଙ୍ଗିର ଜିଲ୍ଲା website: www.balangir.nic.in କିମ୍ବା ପାଟଣାଗଡ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡ ରେ ଉପଲବ୍ଧ ରହିବ ।

ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଅସଂପୂର୍ଣ୍ଣ ଦରଖାସ୍ତ ଗୁଡିକ ନାକଚ କରାଯିବ । Form- M ବ୍ୟତୀତ ଅନ୍ୟ କୌଣସି ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

## ଦାଖଲ କରିବାକୁ ଥିବା ଦଲିଲ ଓ କାଗଜାତ୍

୧. ଦରଖାସ୍ତକାରୀ ତିନିକିତା ଦରଖାସ୍ତ Form-M (ତିନି ଗୋଟି ନକ୍ସା ସହିତ ) ଦାଖଲ କରିବେ ।

୨. ଦରଖାସ୍ତ ଫି ସକାଶେ ଟ.୧୦୦୦.୦୦ (ଏକ ହଜାର ଟଙ୍କା ) ର ଟ୍ରେଜେରୀ ଚାଲାଣ ଦାଖଲ କରିବେ ।
( "0853-Non-ferrous mining & Metallurgical 102-mineral concession fees,rent & royalties-0217-receipts under Odisha Minor Minerals concession fees (new)-02021-collection of fees, rent & royalties(new)" )

୩. କୌଣସି ମାଇନିଙ୍ଗ ବାବଦକୁ ବକେୟାଦେୟ ନଥିବା ନେଇ ସତ୍ୟପାଠ ।

୪. Solvency Certificate ଅନ୍ୟୁନ ୧୮ ମାସ ପର୍ଯ୍ୟନ୍ତ କାଏମ ଥିବା କିମ୍ବା ବ୍ୟାଙ୍କ guarantee ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୂଲ୍ୟ(Minimum Guarnteed Quantity X (Royalty +Additional Charges)}] ଠାରୁ ଅଧିକ ହୋଇଥିବା ଆବଶ୍ୟକ ପ୍ରଦାନ କରିବା ସହ ରାଜସ୍ୱ ଅଧିକାରୀଙ୍କଠାରୁ ପ୍ରାପ୍ତ ସ୍ଥାବର ସଂପତ୍ତି ର ପ୍ରମାଣପତ୍ର ଦାଖଲ କରିବେ ।

୫. Income Tax Clearance କିମ୍ବା ଗତ Assessment year ର IT return ର ନକଲ ଯଦି ଥାଏ ପ୍ରଦାନ କରିବେ ।

୬. ଅନ୍ୟାନ୍ୟ ଦକ୍ଷତା ଜ୍ଞାନ ଇତ୍ୟାଦିର ପ୍ରମାଣ ପତ୍ର ।

(ସର୍ତ୍ତାବଳୀ ର ବିବରଣୀ ଜିଲ୍ଲାପାଳଙ୍କ website: www.balangir.nic.in କିମ୍ବା ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ କରିପାରିବେ )

## ସର୍ତ୍ତାବଳି

୧. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୦୪ OMMC(Amendment)Rule-2014 , OMMC(Ammendment)Rule-2015, OMMC Rule-2016 ଓ OMMC ( Amendment) Rule-2017 ପରିସର ଭୁକ୍ତ ରହିବେ ।

୨. ପ୍ରଚଳିତ ନିୟମ ଅନୁଯାୟୀ ରୟାଲଟି ଓ ଅତିରିକ୍ତ ଦେୟ ର ( Additional Charges ) ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇଥିବା ନିଲାମଧାରୀଙ୍କ ଦରଖାସ୍ତ କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀଙ୍କୁ ଚୟନ କରାଯିବ ।

୩. ଓର୍ବୋଚ୍ଚ ରୟାଲଟି ଓ (Additional Charges ) ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ଦିଆଯିବ ।

୪. ସରକାରୀ ଭାବେ ଧାର୍ଯ୍ୟ ରୟାଲଟି ଓ (Additional Charges) ଠାରୁ କମ୍ ଦରରେ ଦରଖାସ୍ତ କରିଥିବା ଆବେଦନକାରୀଙ୍କ ଦରଖାସ୍ତକୁ ଖାରଜ କରାଯିବ ।

୫. ଦରଖାସ୍ତ କରୁଥିବା ସୈରାତ ବାବଦକୁ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ତହସିଲଦାର,ପାଟଣାଗଡ ନାମରେ(Payable at Patnagarh ) ପ୍ରଦାନ କରିବେ । EMD i.e. 5% of {Minimum Guaranteed Quantity X (Royalty + Additional Charges )} ]

୬. ସର୍ବୋଚ୍ଚ ଲିଜଧାରୀ ନିଜ ଖର୍ଚ୍ଚରେ ମାଇନିଂ ପ୍ଲାନ (Mining Plan) ତିଆରି କରି ଦାଖଲ କରିବେ ନଚେତ ଲିଜ୍ ବାତିଲ କରାଯିବ ।

୭. ପରିବେଶ ସମ୍ବନ୍ଧିୟ ଅନୁମତି Environmental Clearance ଲିଜଧାରୀ ନିଜ ଦାୟିତ୍ୱରେ ହାସଲ କରିବେ ।

୮. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖଦାନ ଗୁଡିକର ପରଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶଗ୍ରହଣ କରିବେ ।

୯. ଲିଜରେ ସୈରାତ ଚଲାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୦.ଲିଜ ଦିଆଯାଇଥିବା ଅବଧି ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୧.ମାଇନିଂ ପ୍ଲାନରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟ ର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ରୟାଲଟି ଓ (Additional Charges ) ରାଶି କୁ ଗୁଣନକଲେ ଯେଉଁ ପରିମାଣର ଅର୍ଥ ହେବ ଉକ୍ତ ରାଶି (Mining Plan) ଓ Environmental Clearance ଆଣିସାରିଲା ପରେ ପୈଠ କରିବେ । ସଂପୂର୍ଣ୍ଣ ରାଶି ପୈଠ ହେଲାପରେ ଲିଜାଧାରୀ ଓଡିଶା ଖଣିଆକ୍ଟ ୧୯୦୮ ଓ ପ୍ଲାନ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତି ପତ୍ର ( Lease Deed) ସଂପାଦନ କରିବେ ।

୧୨.ଲିଜଧାରୀ ଲିଜ୍ ବାବଦକୁ ରୟାଲଟି ଶତକଡା ୫ ଭାଗ Environmental Clearance Fund ତହସିଲଦାରଙ୍କ ପାଖିରେ ଦାଖଲ କରିବେ ।

୧୩.ଲିଜଧାରୀ ରୟାଲଟି ଓ (Additional Charges ) ଦେୟ ର ୧୦% District Mineral Fund ବାବଦକୁ ତହସିଲଦାରଙ୍କ ପାଖିରେ ଦାଖଲ କରିବେ ।

୧୪.ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମାରାଶି କୁ ବ୍ୟାଜାପ୍ତ କରିବାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

୧୫.ଲିଜଧାରୀ ସୈରାତ ଉକ୍ତର ନକ୍ସା ଅନୁଯାୟୀ concrete pillar ଦ୍ୱାରା ବାଡଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରିସେଥିରେ ସୈରାତ ଉକ୍ତର ନକ୍ସା ନାମ ତଥା ମଞ୍ଜୁର ଦେଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବା ସହିତ ବିଜ୍ଞାପନ ଖର୍ଚ୍ଚ ଲିଜଧାରୀ ନିଜେ ବହନ କରିବେ ।

୧୬.ଉପୋଭୋକ୍ତା ସମସ୍ତ **ସର୍ତ୍ତା**ବଳୀ ପୂରଣ କରିବାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସ ରୁ ଲଘୁ ଖଣିଜ ଉଠାଇପାରିବେ ନାହିଁ ।

୧୭.ଲିଜ ସମ୍ବନ୍ଧୀୟ **ସର୍ତ୍ତା**ବଳୀ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟଦିବସରେ ଦେଖିପାରିବେ ।

୧୮.ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମାତାପ୍ରାପ୍ତ ଅଧିକାରୀଙ୍କ ରହିଛି ।

୧୯.ଜମା ରୟାଲଟି ୨% ଲିଜଧାରୀ ଆୟକର ( T.C.S.) ବାବଦକୁ ଚାଲାଣ ଆକାରରେ ଜମାକରିବେ ।

୨୦.ଲିଜଧାରୀଙ୍କୁ ରୟାଲଟି ସହିତ ନିର୍ଦ୍ଧାରିତ Surface Rent ଏବଂ Dead Rent ମଧ୍ୟ ପଇଠ କରିବାକୁ ପଡିବ ।

୨୧. ଲିଜ ଅବଧି ମଧ୍ୟରେ Schedule-II ରେ ଉଲ୍ଲେଖିତ ଲଘୁ ଖଣିଜ ଦ୍ରବ୍ୟର ରୟାଲଟି ଦରର ଅଭିବୃଦ୍ଧି ହେଲେ ଓ ସଂପୃକ୍ତ ଲିଜଧାରୀଙ୍କ ମୂଲ୍ୟାଙ୍କ କରିଥିବା ରୟାଲଟି ଠାରୁ ଅଧିକ ହୋଇଥାଏ ତାହେଲ ଲିଜଧାରୀ ବର୍ଦ୍ଧିତ ହାରରେ ରୟାଲଟି ଦାଖଲ କରିବେ ।

୨୨.ଧାର୍ଯ୍ୟ ତାରିଖରେ କୌଣସି କାରଣ ବଶତଃ ନିଲାମ ହୋଇ ନ ପାରିଲେ **କର୍ତ୍ତୃ**ପକ୍ଷ ଦାୟୀ ନୁହନ୍ତି । ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ କ ୍ରୃପକ୍ଷ ନିଲାମ ସ୍ଥଗିତ , ରଦ୍ଦ କରିପାରିବେ ।

ତହସିଲଦାର, ପାଟଣାଗଡ

## ସୈରାତ ଉତ୍ସର ବିବରଣୀ

| କ୍ର.ନଂ. | ସୈରାତ ଉତ୍ସର ନାମ | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | ଏରିଆ (ଏକରରେ) | କିସମ | ରୟାଲଟି କର (ଟଙ୍କାରରେ) | ଅତିରିକ୍ତ କର | ଅନ୍ୟୁନ୍ୟ ଉତ୍ତୋଳନ ପରିମାଣ ( in cum) (ବର୍ଷକୁ) | ଅମାନତ ଅଗ୍ରିମ ଯାହାକି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଦରଖାସ୍ତ ସହ ପ୍ରଦାନ କରିବେ । (ଟଙ୍କାରେ ) |
|---|---|---|---|---|---|---|---|---|---|---|
| ୧ | ପାଟଣାଗଡ(ଖ) -ବାଲି | ପାଟଣାଗଡ(ଖ) | ୬୭୯ | ୧୫୭, ୧୫୮ | ୧୩.୦୦୦ | ଜୋର | 3୫.୦୦ | ୨.୦୦ | ୧୬୩୪ | ୩୩୫୦.୦୦ |
| ୨ | ଖୁଣ୍ଟସମଲେଇ-ବାଲି | ଖୁ ସମଲାଇ | ୨୦୬ | ୮୮୭, ୮୯୮, ୪୯୮, ୯୬୭ | ୧୩.୧୧ | ଜୋର | ୩୫.୦୦ | ୨.୦୦ | ୮୨୨ | ୧୬୯୬.୦୦ |
| ୩ | ତମିଆଁ – ବାଲି | ତମିଆଁ | ୨୮୬ | ୧୮୪୨ | ୧୩.୦୦ | ନଦୀ | ୩୫.୦୦ | ୨.୦୦ | ୯୨୮ | ୧୯୦୩.୦୦ |
| ୪ | ଘସିଆନ -ବାଲି | ଘସିଆନ | ୨୨୮ | ୩ | ୧୩.୦୦ | ନଦୀ | ୩୫.୦୦ | ୨.୦୦ | ୨୫୬୫ | ୨୫୬୫.୦୦ |
| ୫ | ଘସିଆନ -ପଥର | ଘସିଆନ | ୨୨୮ | ୧୨୨୬, ୧୨୨୮ | ୨.୩୯ | ପଥର ଚଟାଣ | ୧୩୫.୦୦ | ୨.୦୦ | ୧୨୯୮ | ୯୪୨୬.୦୦ |
| ୬ | ପାଟଣାଗଡ(କ) ପଥର | ପାଟଣାଗଡ(କ) | ୫୮୧ | ୩୬୧୦ | ୫.୦୦ | ପତିତ | ୧୩୫.୦୦ | ୨.୦୦ | ୯୨୦ | ୬୨୧୬.୦୦ |
| ୭ | ବରପଦର - ପଥର | ବରପଦର | ୮୫ | ୪୩୧ , ୪୩୩ | ୩.୫୯ | ଢୁଙ୍ଗୁରି | ୧୩୫.୦୦ | ୨.୦୦ | ୨୧୪୯ | ୧୫୬୮୮.୦୦ |
| ୮ | ସୁଣ୍ଢୋମହୁଲ - ପଥର | ସୁଣ୍ଢୋମହୁଲ | ୯୯ | ୨୮୯ | ୫.୦୦ | ଢୁଙ୍ଗୁରି | ୧୩୫.୦୦ | ୨.୦୦ | ୨୧୩୮ | ୧୫୬୦୮.୦୦ |
| ୯ | କେନ୍ଦୁମୁଣ୍ଡି - ପଥର | କେନ୍ଦୁମୁଣ୍ଡି | ୧୧୮ | ୧୦୦୫, ୧୦୦୭ | ୫.୦୦ | ଢୁଙ୍ଗୁର | ୧୩୫.୦୦ | ୨.୦୦ | ୨୧୪୯ | ୧୫୬୮୮.୦୦ |
| ୧୦ | ସୁନାସୁଡି – ବାଲି | ସୁନାସୁଡି | ୧୨୨ | ୧୧୮୬ | ୧୩.୦୦ | ନଦୀ | ୩୫.୦୦ | ୨.୦୦ | ୧୯୬୦ | ୪୦୧୮.୦୦ |

ତହସିଲଦାର, ପାଟଣାଗଡ

Memo No. 1665 /Dt. 21.6.2018

Copy to Collector,Balangir/Sub-Collector,Patnagarh/All Tahasildar of Patnagarh Sub-Division/B.D.O.Patnagarh/Belpara/Khaprakhol / All Grampanchyats of Patnagarh Sub-Division/Dy.Director of Mines/D.F.O.Patnagarh/Executive Engg. R&B,Patnagarh for information and they are requested to publish the notice in their Office Notice Board.

Tahasildar,Patnagarh

Memo No. 1666 /Dt. 21.6.2018

Copy to D.I.O.NIC,Collectorate,Balangir for hosting the copy of the notice in the District website.

Tahasildar,Patnagarh